# ଠିକ୍ ଉତ୍ତର ବାଛ

**୧. କେଉଁଟି ଉପପର୍ବ ନୁହେଁ ?**

କ. ଭର୍ଟିବ୍ରାଟା ଖ. ସାଇକ୍ଲୋଷ୍ଟୋମାଟା ଗ. ୟୁରୋକର୍ଡ଼ାଟା ଘ. ସେଫାଲୋକର୍ଡ଼ାଟା

**୨. କେଉଁଟି ଅମେରୁଦଣ୍ଡୀ ପ୍ରାଣୀ ଅନ୍ତର୍ଗତ ଅଟେ ?**

କ. ଭର୍ଟିବ୍ରାଟା ଖ. ସାଇକ୍ଲୋଷ୍ଟୋମାଟା ଗ. ଏନିଲିଡ଼ା ଘ. ସେଫାଲୋକର୍ଡ଼ାଟା

**୩. କେଉଁ ଜୀବମାନଙ୍କଠାରେ ପ୍ରଗୁହା ଦେଖାଯାଏ ?**

କ. ପ୍ରବାଳ ଖ. ହାଇଡ୍ରା

ଗ. ଉଭୟ 'କ' ଓ 'ଖ' ଘ. ଉପରୋକ୍ତ କେଉଁଟି ନୁହେଁ

**୪. କେଉଁମାନେ ନେଫ୍ରିଡିଆ ଦ୍ୱାରା ରେଚନ କ୍ରିୟା ସମ୍ପାଦନ କରିଥା'ନ୍ତି ?**

କ. ଏନିଲିଡା ଖ. ଆରଥ୍ରୋପୋଡା ଗ. ପାଇସେସ୍ ଘ. ହେମିକର୍ଡାଟା

**୫. କେଉଁ ପର୍ବରେ ଅଣ୍ଡିରା ଓ ମାଈ ପ୍ରାଣୀ ଅଲଗା ଭାବରେ ଦେଖିବାକୁ ମିଳେ ?**

କ. ଆରଥ୍ରୋପୋଡା ଖ. ନେମାଟୋହେଲମିନ୍ଥେସ୍

ଗ. ଭର୍ଟିବ୍ରାଟା ଘ. ଉପରୋକ୍ତ ସମସ୍ତ

**୬.କେଉଁଟି ପ୍ରାଣୀଜଗତର ଅନ୍ତର୍ଭୁକ୍ତ ନୁହେଁ ?**

କ. ଲାବିଓ ରୋହିତା ଖ. ନାଜା ନାଜା

ଗ. ହୋମୋ ସାପିଏନ୍ସ ଘ. ଫାଇକସ୍ ବେଙ୍ଗାଲେନ୍ସିସ୍

**୭. ମିରିକାଳିମାଛ କାହା ଦ୍ୱାରା ଶ୍ୱାସକ୍ରିୟା କରେ ?**

କ. ଚର୍ମ ଖ. ଗାଲି ଗ. ଫୁସ୍‌ଫୁସ୍ ଘ. ମୁଖ

**୮. କେଉଁ ଶ୍ରେଣୀର ଅନ୍ତର୍ଗତ ପ୍ରାଣୀମାନଙ୍କୁ ଆଦିମ ମେରୁଦଣ୍ଡୀ ପ୍ରାଣୀ କୁହାଯାଏ ?**

କ. ମାମାଲିଆ ଖ. ରେପ୍‌ଟିଲିଆ ଗ. ଏଭସ୍ ଘ. ସାଇକ୍ଲୋଷ୍ଟୋମାଟା

**୯. କେଉଁ ଜାତୀୟ ପ୍ରାଣମାନଙ୍କର ଜିଭଟି ମୁଖଗହ୍ୱରରୁ ବାହାରକୁ ଓଲଟ ଭାବରେ ଗତିକରିପାରେ ?**

କ. ଆମ୍ଫିବିଆ ଖ. ମାମାଲିଆ ଗ. ପାଇସେସ୍ ଘ. ରେପ୍‌ଟିଲିଆ

**୧୦. କେଉଁ ସ୍ତନ୍ୟପାୟୀ ପ୍ରାଣୀ ଅଣ୍ଡା ଦିଏ ।**

କ. ବାଦୁଡି ଖ. ତିମି ଗ. ପାଣ୍ଡା ଘ. ପ୍ଲାଟିପସ୍